# NATIONAL NEWS BULLETIN (ODIA)

## 28 May - 2024

## Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ମହାକାଶ କ୍ଷେତ୍ରରେ ଭାରତର ସଫଳତା ବିଶ୍ୱ ସ୍ୱୀକାର କରିଛି ବୋଲି କହିଲେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ।
- ୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୫୭ଟି ଲୋକସଭା ଆସନ ଲାଗି ଆସନ୍ତା ଶନିବାର ଅନ୍ତିମ ପର୍ଯ୍ୟାୟ ନିର୍ବାଚନରେ ଅନୁଷ୍ଠିତ ହେବ ମତଗ୍ରହଣ ।
- ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାରରେ ସାମିଲ ହେବେ ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଗାଜା ଷ୍ଟ୍ରିପ୍‌ରେ ଅସ୍ତ୍ରବିରତି ଏବଂ ଇସ୍ରାଏଲ୍ ସହ ପଣବନ୍ଦୀ ବିନିମୟ ନେଇ କୌଣସି ଆଲୋଚନାରେ ଅଂଶଗ୍ରହଣ କରିବ ନାହିଁ ବୋଲି ହମାସ କହିଛି ।

ଏବଂ

- ଚଳିତ ବର୍ଷ ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ସ୍ୱାଭାବିକ ପରିମାଣ ଠାରୁ ଅଧିକ ମୌସୁମୀ ବର୍ଷା ହେବ ବୋଲି ଆକଳନ କରିଛି ଭାରତୀୟ ପାଣିପାଗ ବିଭାଗ ।

## କର୍ଣ୍ଣାଟକ-ଧନଖଡ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଗତକାଲି ବେଙ୍ଗାଲୁରୁ ସ୍ଥିତ ନ୍ୟାସନାଲ୍ ଏରୋସ୍ପେସ୍ ଲାବୋରୋଟରୀ ପରିଦର୍ଶନ କରିଛନ୍ତି । ଏହି ଅବସରରେ ସେ କାର୍ବନ୍ ଫାଇବର୍ ଏବଂ ପ୍ରିପେକ୍ ସେଣ୍ଟରକୁ ଉଦ୍‌ଘାଟନ କରିଛନ୍ତି । ଏନ୍.ଏ.ଏଲ୍. ଦ୍ୱାରା ପ୍ରୋତ୍ସାହିତ ବିମାନ ଚଳାଚଳ ପ୍ରଯୁକ୍ତିର ଉଦ୍ଭାବନକୁ ମଧ୍ୟ ସେ ଦେଖିଥିଲେ । ଜାତୀୟ ଏରୋସ୍ପେସ୍ ପରୀକ୍ଷାଗାରରେ ଆୟୋଜିତ ଏକ ସମାରୋହରେ ଉଦ୍‌ବୋଧନ ଦେଇ ଶ୍ରୀ ଧନଖଡ଼ କହିଥିଲେ, ୨୦୪୭ରେ ଭାରତ ସ୍ୱାଧୀନତା ଦିବସର ଶତବାର୍ଷିକୀ ପାଳନ କରୁଥିବା ବେଳେ ଦେଶର ସ୍ୱପ୍ନକୁ ସାକାର କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଉଛି । ମହାକାଶ କ୍ଷେତ୍ରରେ ଆମର ସଫଳତା ବିଶ୍ୱସ୍ତରରେ ସ୍ୱୀକୃତି ପ୍ରାପ୍ତ ବୋଲି ସେ କହିଛନ୍ତି ।

# ସେଭେନ୍ ଫେଜ୍ ଇଲେକ୍ସନ୍

୮ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୋଟ୍ ୫୭ଟି ଲୋକସଭା ଆସନ ଲାଗି ଆସନ୍ତା ଶନିବାର ଦିନ ଦେଶର ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନରେ ଭୋଟ୍ ଗ୍ରହଣ କରାଯିବ । ଏଥିଲାଗି ଆସନ୍ତା ଗୁରୁବାର ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହେଉଛି । ଉତ୍ତରପ୍ରଦେଶ ଓ ପଞ୍ଜାବର ୧୩ଟି ଲେଖାଏଁ ଆସନ, ପଶ୍ଚିମବଙ୍ଗର ୯ଟି, ବିହାରର ୮ଟି, ଓଡ଼ିଶାର ୬ଟି, ହିମାଚଳ ପ୍ରଦେଶର ୪ଟି, ଝାଡ଼ଖଣ୍ଡର ୩ଟି ଓ ଚଣ୍ଡିଗଡ଼ର ଗୋଟିଏ ଲୋକସଭା ଆସନରେ ମତଗ୍ରହଣ କରାଯିବ ।

ସେହି ଦିନ ଓଡ଼ିଶାରେ ମଧ୍ୟ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ୬ଟି ସଂସଦୀୟ କ୍ଷେତ୍ର ଏବଂ ଏହାର ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ଲାଗି ଏକ ସଙ୍ଗେ ମତଗ୍ରହଣ କରାଯିବ । ଏହି ସଂସଦୀୟ କ୍ଷେତ୍ର ଗୁଡ଼ିକ ହେଉଛି ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ଜଗତସିଂହପୁର । ଆସନ୍ତା ମାସ ୪ ତାରିଖ ଦିନ ସମସ୍ତ ପର୍ଯ୍ୟାୟ ନିର୍ବାଚନର ଭୋଟ ଗଣତି କରାଯିବ ।

## ପିଏମ୍-ଝାଡ଼ଖଣ୍ଡ

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଝାଡ଼ଖଣ୍ଡର ଦୁମକା ବିମାନ ବନ୍ଦର ପଡ଼ିଆରେ ବିଜୟ ସଂକଳ୍ପ ଯାତ୍ରାର ଅଂଶସ୍ୱରୂପ ଏକ ନିର୍ବାଚନୀ ସଭାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ । ଏହି ଆସନରୁ ବିଜେପି ପକ୍ଷରୁ ଜେ.ଏମ୍.ଏମ୍. ମୁଖ୍ୟ ଶିବୁ ସୋରେନ୍‌ଙ୍କ ବୋହୂ ସୀତା ସୋରେନ୍ ନିର୍ବାଚନ ଲଢୁଛନ୍ତି ।

ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା ଆସନ୍ତାକାଲି ଦେଓଘର ଠାରେ ତିନୋଟି ନିର୍ବାଚନୀ ସଭାକୁ ସମ୍ବୋଧନ କରିବେ । ସେହିଭଳି କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧି ଆସନ୍ତା ୩୦ ତାରିଖ ଦିନ କେତେକ ନିର୍ବାଚନୀ ସଭାକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ଆସନ୍ତା ପହିଲାରେ ଝାଡ଼ଖଣ୍ଡର ଗୋଡା, ଦୁମ୍‌କା ଏବଂ ସାହିବଗଞ୍ଜ ସଂସଦୀୟ କ୍ଷେତ୍ର ପାଇଁ ମତଗ୍ରହଣ କରାଯିବ । ୨୦୧୯ ଲୋକସଭା ନିର୍ବାଚନରେ ସାହିବଗଞ୍ଜରୁ ଜେ.ଏମ୍.ଏମ୍. ପ୍ରାର୍ଥୀ ବିଜୟୀ ହୋଇଥିଲେ ।

## ଡବ୍ଲୁବି-ମୋଦୀ

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପଶ୍ଚିମବଙ୍ଗର’ ବାର୍‌ସାତ୍, ଯାଦବପୁର ଏବଂ ଉତ୍ତର କୋଲକାତା ସଂସଦୀୟ

କ୍ଷେତ୍ରର କେତୋଟି ନିର୍ବାଚନୀ ର୍‍ୟାଲିକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

ଅପରାହ୍ଣରେ ବାରସାତ୍ ଲୋକସଭା ନିର୍ବାଚନ ମଣ୍ଡଳୀରେ ଜନସଭାକୁ ସମ୍ବୋଧନ କରିବା ପରେ ଯାଦବପୁର ଠାରେ ଆୟୋଜିତ ହେବାକୁ ଥିବା ନିର୍ବାଚନୀ ର୍‍ୟାଲିରେ ଯୋଗଦେବେ । ସେହିଭଳି ସନ୍ଧ୍ୟାରେ ଉତ୍ତର କୋଲକାତା ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶ୍ୟାମ ବଜାର ଫାଇବ୍ ପଏଣ୍ଟ ଛକରୁ ଆରମ୍ଭ ହେବାକୁ ଥିବା ରୋଡ୍ ଶୋ'ରେ ଯୋଗ ଦେବେ ।

## ଦିଲ୍ଲୀ ଫାୟାର୍ ଅଡିଟ୍

ଆସନ୍ତାମାସ ୮ ତାରିଖ ସୁଦ୍ଧା ଦିଲ୍ଲୀର ସମସ୍ତ ହସ୍ପିଟାଲରେ ଅଗ୍ନିସମ ବ୍ୟବସ୍ଥା ନେଇ ଅଡିଟ୍ ଶେଷ କରିବାକୁ ଆମ୍ ଆଦମୀ ପାର୍ଟି ନେତା ତଥା ଦିଲ୍ଲୀ ସ୍ୱାସ୍ଥ୍ୟ ମନ୍ତ୍ରୀ ସୌରଭ ଭରଦ୍ୱାଜ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ନିକଟରେ ବିବେକ ବିହାରର ଏକ ଶିଶୁ ହସ୍ପିଟାଲ୍‌ରେ ଘଟିଥିବା ଅଗ୍ନିକାଣ୍ଡ ଘଟଣା ପରିପ୍ରେକ୍ଷୀରେ ଦିଲ୍ଲୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଅନୁଷ୍ଠିତ ବୈଠକରେ ଶ୍ରୀ ଭରଦ୍ୱାଜ ଏହି ନିର୍ଦ୍ଦେଶ ଦେଇଛନ୍ତି । ସମୀକ୍ଷା ରିପୋର୍ଟକୁ ଏହି ସମୟସୀମା ସୁଦ୍ଧା ଦାଖଲ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି, ସବୁ ନର୍ସିଂହୋମ୍ ଏବଂ ହସ୍ପିଟାଲ୍ ପାଇଁ ଅଗ୍ନି ନିର୍ବାପକ ଲାଇସେନ୍ସ ବାଧ୍ୟତାମୂଳକ ।

ପୂର୍ବରୁ ୯ ମିଟରରୁ କମ୍ ଉଚ୍ଚତା ବିଶିଷ୍ଟ ହସ୍ପିଟାଲ୍‌ରେ ଏହା ଲାଗୁ ହୋଇ ନଥିଲା ।

ଅନ୍ୟ ପକ୍ଷରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଦିଲ୍ଲୀର ୨୬ଟି ଯାକ ସରକାରୀ ହସ୍ପିଟାଲ୍‌ରେ ଅଂଶୁଘାତ ରୋଗୀଙ୍କ ଚିକିତ୍ସା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସେ କହିଛନ୍ତି । ପ୍ରତ୍ୟେକ ହସ୍ପିଟାଲ୍‌ରେ ଅତି କମ୍‌ରେ ୨ଟି ଶଯ୍ୟା ଏବଂ ଏଲ୍.ଏନ୍.ଜେ.ପି. ହସ୍ପିଟାଲ୍‌ରେ ୫ଟି ଶଯ୍ୟା ସଂରକ୍ଷଣ କରି ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

## ଇସ୍ରାଏଲ୍-ହମାସ

ଗାଜା ଷ୍ଟ୍ରିପ୍‌ରେ ଅସ୍ତ୍ରବିରତି ଏବଂ ଇସ୍ରାଏଲ୍ ସହ ପଣବନ୍ଦୀ ବିନିମୟ ନେଇ କୌଣସି ଆଲୋଚନାରେ ଅଂଶଗ୍ରହଣ କରିବ ନାହିଁ ବୋଲି ଏଥିରେ ମଧ୍ୟସ୍ଥତା କରୁଥିବା ରାଷ୍ଟ୍ରମାନଙ୍କୁ ହମାସ କହିଛି । ଗତ ରବିବାର ରାତିରେ ରାଫା ଅନ୍ତର୍ଗତ ଦକ୍ଷିଣାଞ୍ଚଳରେ ଇସ୍ରାଏଲ୍ ପକ୍ଷରୁ ହୋଇଥିବା ଆକ୍ରମଣ ପରିପ୍ରେକ୍ଷୀରେ ହମାସ ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି । ଗାଜାର ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ କହିବା ଅନୁଯାୟୀ ଇସ୍ରାଏଲ୍‌ର ଏହି ବିମାନ ଆକ୍ରମଣରେ ଶିଶୁ ଏବଂ ମହିଳାଙ୍କୁ ମିଶାଇ ଅତି କମ୍‌ରେ ୪୫ ପାଲେଷ୍ଟାଇନ୍‌ଙ୍କର ମୃତ୍ୟୁ ହୋଇଛି ।

ହମାସର ବରିଷ୍ଠ ଅଧିକାରୀ ଓମାସ ହମ୍‌ଦାନ ଗତକାଲି ବେରୁଟ୍ ଠାରେ ସାମ୍ବାଦିକଙ୍କୁ ସୂଚନା ଦେଇ କହିଛନ୍ତି, ଇସ୍ରାଏଲ୍ କେବଳ ମଧ୍ୟସ୍ଥିଙ୍କ ପାଖରେ ଉପସ୍ଥାପନ କରିଥିବା ସର୍ତ୍ତ ଅନୁଯାୟୀ ପଣବନ୍ଦୀଙ୍କୁ ଗ୍ରହଣ କରିବ । କିନ୍ତୁ ଅନ୍ୟ ପକ୍ଷରେ ସ୍ଥାୟୀ ଅସ୍ତ୍ରବିରତି ସମେତ ସେଭଳି କୌଣସି ଚୁକ୍ତି ପାଇଁ ହମାସର ପୂର୍ବ ପ୍ରଦତ୍ତ ସର୍ତ୍ତ ଅପରିବର୍ତ୍ତିତ ରହିଛି ବୋଲି ଶ୍ରୀ ହମଦାନ ସ୍ପଷ୍ଟ କରିଛନ୍ତି ।

## ଛତିଶଗଡ଼

ଛତିଶଗଡ଼ର ବେମେତରା ଜିଲ୍ଲା ଅନ୍ତର୍ଗତ ପିର୍‌ଡା ଗ୍ରାମ ନିକଟରେ ଏକ କାରଖାନାରେ ଗତ ଶନିବାର ହୋଇଥିବା ବିସ୍ଫୋରଣରେ ଏବେବି ୮ ଜଣ ନିଖୋଜ ଥିବା ଜଣାପଡ଼ିଛି । ଜିଲ୍ଲାପାଳ ରଣବୀର ଶର୍ମା ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ସେନାର ବୈଷୟିକ ଟିମ୍ ତତ୍ତ୍ୱାବଧାନରେ ଘଟଣା ସ୍ଥଳରୁ ଆବର୍ଜନା ହଟାଯାଇଛି । ଘଟଣା ସ୍ଥଳରେ ବିସ୍ଫୋରକ ଏବଂ ମାରାତ୍ମକ ରସାୟନିକ ପଦାର୍ଥ ଥିବାରୁ ଜିଲ୍ଲା ପ୍ରଶାସନର ଅନୁରୋଧ କ୍ରମେ ଗତକାଲି ଜବଲପୁର ସ୍ଥିତ ସେଣ୍ଟ୍ରାଲ୍ ଅର୍ଡିନାନ୍ସ ଡିପୋରୁ ଏକ ଦଳ ସେଠାରେ ପହଞ୍ଚିଥିଲେ । ଏହି ଟିମ୍ କାରାଖାନା ପରିସରରେ ଥିବା ବିସ୍ଫୋରକ ଭଣ୍ଡାରକୁ ସମୀକ୍ଷା କରିଥିଲେ । ଆବର୍ଜନା ସଫା କରିବା ସମୟରେ ଘଟଣା ସ୍ଥଳରୁ ମାନବ ଶରୀରର ଅବଶେଷ ମିଳିଥିଲା । ସେଗୁଡ଼ିକୁ ଡି.ଏନ୍.ଏ. ପରୀକ୍ଷା ପାଇଁ ପଠାଯିବ ବୋଲି ଜିଲ୍ଲାପାଳ ଶ୍ରୀ ଶର୍ମା କହିଛନ୍ତି ।

ସୂଚନା ଯୋଗ୍ୟ ଶିଳ୍ପ ବ୍ୟବହାର ପାଇଁ ବିସ୍ଫୋରକ ଉତ୍ପାଦନ କରୁଥିବା ଏହି କାରଖାନାରେ ଗତ ଶନିବାର ସଂଘଟିତ ବିସ୍ଫୋରଣରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୬ ଜଣ ଆହତ ହୋଇଥିବା ନେଇ ସରକାରୀ ଭାବେ ଘୋଷଣା କରାଯାଇଥିଲା ।

## ହେଲ୍‌ଥ ଏସ୍‌ଇସି

କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଅପୂର୍ବ ଚନ୍ଦ୍ରା କହିଛନ୍ତି, ଭାରତର ମୂଲ୍ୟବୋଧ ‘ବସୁଧୈବ କୁଟୁମ୍ବକମ୍’ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ପରିଷଦର ‘ସ୍ୱାସ୍ଥ୍ୟ ପାଇଁ ସମସ୍ତେ – ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ’ ବିଷୟବସ୍ତୁ ମଧ୍ୟରେ ଯଥେଷ୍ଟ ସମନ୍ୱୟ ରହିଛି । ସ୍ୱିଜରଲ୍ୟାଣ୍ଡର ଜେନେଭା ଠାରେ ଡବ୍ଲ୍ୟୁ.ଏଚ୍.ଏ.ର ଏକ ସମାବେଶକୁ ସମ୍ବୋଧନ କରି ଶ୍ରୀ ଚନ୍ଦ୍ରା କହିଛନ୍ତି, କୋଭିଡ୍ ନାଇଣ୍ଟିନ୍ ମହାମାରୀ ସମୟରେ ଭାରତ ବିଶ୍ୱର ବିଭିନ୍ନ କ୍ଷେତ୍ର ପାଇଁ ନେଇଥିବା ପଦକ୍ଷେପ ଏକ ବିଶ୍ୱ ଗୋଟିଏ ପରିବାର ଭାବନାକୁ ପ୍ରତିଫଳିତ କରିଛି । ସୂଚନା, ସଚେତନତା ଏବଂ ପ୍ରତିଷେଧକ ପଦକ୍ଷେପ ଉପରେ ପର୍ଯ୍ୟବେଶିତ ଭାରତର ପାରମ୍ପରିକ ଜନସ୍ୱାସ୍ଥ୍ୟ ଆଭିମୁଖ୍ୟ ସୁଫଳ ପ୍ରଦାନ କରିଛି ବୋଲି ସେ କହିଛନ୍ତି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଡବ୍ଲ୍ୟୁ.ଏଚ୍.ର ତିନୋଟି ମୁଖ୍ୟ କମିଟିର ଅଧିବେଶନ ଏବେ ଚାଲିଛି । ସେଥିରୁ ‘କମିଟି-ଏ’ ଭାରତ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଛି ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।

# ଫ୍ରେଞ୍ଚ ଓପନ୍

ଫ୍ରାନ୍ସର ପ୍ୟାରିସ୍ ଠାରେ ଚାଲିଥିବା ଫ୍ରେଞ୍ଚ୍ ଓପନ୍ ଟେନିସ୍ ପ୍ରତିଯୋଗିତା ମିଳିତ ପୁରୁଷ ବର୍ଗରେ ଆଜି ଭାରତୀୟ ଖେଳାଳି ରୋହନ ବୋପନ୍ନା ଏବଂ ୟୁ.ହି. ଭାମ୍ବରୀ ତାଙ୍କର ପ୍ରଥମ ମ୍ୟାଚ୍ ଖେଳିବେ । ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ମାନ୍ୟତାପ୍ରାପ୍ତ ବୋପନ୍ନା  ଏବଂ ଅଷ୍ଟ୍ରେଲିୟାର ମାଥ୍ୟୁ ଏଫ୍‌ଡେନ୍‌ଙ୍କ ଯୋଡ଼ି ଫିନ୍‌ଲାଣ୍ଡର ଏମିଲ୍ ରୁଷୁଭୌରୀ ଏବଂ ହଙ୍ଗେରୀର ମାର୍ଟନ୍ ଫୁକ୍ସୋଭିକ୍ସଙ୍କ ଯୋଡ଼ିକୁ ଭେଟିବେ । ସେହିଭଳି ଅଣମାନ୍ୟତାପ୍ରାପ୍ତ ଯୋଡ଼ି ଭାମ୍ବରୀ ଏବଂ ଫ୍ରାନ୍ସର ଆଲଭାନୋ ଓଲିଭେଟି ରୁଷର ରୋମାନ୍ ସାଫିଉଲିନ୍ ଏବଂ ଅଷ୍ଟ୍ରେଲିଆର ଜନ୍ ପିୟର୍ସ୍‌ଙ୍କ ଯୋଡ଼ି ମଧ୍ୟରେ ମୁକାବିଲା ହେବ ।

ଇତିମଧ୍ୟରେ ପୁରୁଷ ଏକକ ବର୍ଗର ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ଭାରତର ସୁମିତ୍ ନାଗଲ ରୁଷର କାରେନ୍ ଖାଚାନୋଭ୍‌ଙ୍କୁ ୨-୬, ୦-୬ ଓ ୬-୭ ସେଟ୍‌ରେ ଗତକାଲି ପରାସ୍ତ କରିଛନ୍ତି ।

# ମହିଳା-ଫୁଟବଲ୍

ଉଜ୍‌ବେକିସ୍ତାନ ସହ ଦୁଇଟି ଆନ୍ତର୍ଜାତିକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବା ଲାଗି ଗତକାଲି ୨୩ ଜଣିଆ ଭାରତୀୟ ମହିଳା ଦଳ ଘୋଷଣା କରାଯାଇଛି । ସର୍ବଭାରତୀୟ ଫୁଟବଲ ମହାସଂଘ ପକ୍ଷରୁ ଚୟନ କରାଯାଇଥିବା ଏହି ଦଳରେ

ତିନିଜଣ ଗୋଲକିପର, ୮ ଜଣ ଡିଫେଣ୍ଡର, ୮ ଜଣ ମିଡ୍ ଫିଲ୍ଡର ଏବଂ ୪ଜଣ ଫରୱାର୍ଡ୍ ଖେଳାଳି ରହିଛନ୍ତି । ପୂର୍ବତନ ଜାତୀୟ ଖେଳାଳି ଲାଙ୍ଗମ୍ ଚାଓବା ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରିବେ । ଶୁକ୍ରବାର ଦିନ ପ୍ରଥମ ମ୍ୟାଚ୍ ଏବଂ ଆସନ୍ତା ୪ ତାରିଖରେ ଦ୍ୱିତୀୟ ମ୍ୟାଚ୍ ଖେଳାଯିବ । ଉଭୟ ମ୍ୟାଚ୍ ଉଜ୍‌ବେକିସ୍ତାନର ରାଜଧାନୀ ତାସ୍‌କେଣ୍ଟ ଠାରେ ଖେଳାଯିବାର କାର୍ଯ୍ୟସୂଚୀ ରହିଛି । ଆସନ୍ତାକାଲି ଭାରତୀୟ ଦଳ ତାସ୍‌କେଣ୍ଟ ଗସ୍ତ କରିବେ ।

## ଆଇଏମ୍‌ଡି-ମନସୁନ୍

ଚଳିତ ବର୍ଷ ଜୁନ୍‌ରୁ ସେପ୍ଟେମ୍ବର ମାସ ମଧ୍ୟରେ ଦେଶରେ ସ୍ୱାଭାବିକ ପରିମାଣ ଠାରୁ ଅଧିକ ମୌସୁମୀ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି । ଏ ସମ୍ପର୍କରେ ପାଣିପାଗ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଦେଶରେ ଦକ୍ଷିଣ ପଶ୍ଚିମ ମୌସୁମୀ ବର୍ଷା ପ୍ରାୟ ସ୍ୱାଭାବିକ ରହିବ । କେନ୍ଦ୍ରୀୟ ଭାରତ ଏବଂ ଦକ୍ଷିଣ ପାର୍ବତ୍ୟାଞ୍ଚଳରେ ସ୍ୱାଭାବିକ ଠାରୁ ଅଧିକ, ଉତ୍ତର ପଶ୍ଚିମ ଭାରତରେ ସ୍ୱାଭାବିକ ବର୍ଷା ହେବାକୁ ଥିବା ବେଳେ ଉତ୍ତର-ପୂର୍ବ ଭାରତରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହେବ ବୋଲି ସେ କହିଛନ୍ତି । ଆସନ୍ତା ୫ ଦିନ ମଧ୍ୟରେ କେରଳରେ ମୌସୁମୀ ପ୍ରବେଶ କରିବା ଲାଗି ସମସ୍ତ ପ୍ରକାର ଅନୁକୂଳ ପରିବେଶ ରହିଛି ବୋଲି ଡକ୍ଟର ମହାପାତ୍ର ସୂଚନା ଦେଇଛନ୍ତି ।